

୬୪ ବର୍ଷ ● ୯ମ ସଂଖ୍ୟା ● ମଇ ୨୦୧୭

ଆମ ମତ : ପୃଥିବୀର ବେଶୀଭାଗ ଜଳପୂର୍ଣ୍ଣ ଥିଲେ ମଧ୍ୟ ଏବେ ପାନୀୟ ଜଳର ଘୋର ଅଭାବ ଅନୁଭୂତ ହେଉଛି କି ?

ସେ ଯୁଗର କାହାଣୀ : ଅଦୃଶ୍ୟ ଭୂତ

ଗପ : ରାବଣଙ୍କ ବଂଶଧର, ସାବାସ୍ ରାଜୁ...

କବିତା : ଆଶିଷ ଲଭି ହେବି ମୁଁ ବଡ, ମୋ ବଗିଚା ...

ଏଥିସହିତ କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ।

### ଆମ ମତ :

ଏବେ ଆମେ ସମସ୍ତେ ଖରାଦିନର ତାତିକୁ ଅଙ୍ଗେ ନିଭାଉଛୁ। ଦେଖୁଛୁ ମଧ୍ୟ ଅନେକସ୍ଥାନରେ ପାନୀୟଜଳର ଘୋର ଅଭାବ ପରିଲକ୍ଷିତ ହେଉଛି। ଏହି ପାନୀୟ ଜଳର ଅଭାବ ସମ୍ପର୍କରେ ପିଲାମାନେ ପ୍ରଦାନ କରିଛନ୍ତି ନିଜ ନିଜର ସୁଚିନ୍ତିତ ମତ।

### ଗପ: ଅଦୃଶ୍ୟ ଭୂତ

**ଲେଖକ : ମନୋଜ ଦାସ**

ଯାହା ନ ହେବା କଥା ତାହା ଘଟିଲା। କିଏ ସେହି ଅଦୃଶ୍ୟ ଭୂତ ଯିଏ ଏ କାମ କରାଇ ପାରିଲା ? ଏହି କାହାଣୀକୁ ନେଇ ରଚିତ ହୋଇଛି ଗପଟି।

### ଗପ: ରାବଣଙ୍କ ବଂଶଧର

**ଲେଖକ: ଶୁଭେନ୍ଦୁ ମୋହନ ଶ୍ରୀଚନ୍ଦନ ସିଂହ**

ରାବଣଙ୍କର ବଂଶଧରମାନେ ରାବଣଙ୍କୁ ଦେବତାର ମାନ୍ୟତା ଦେଇଥାନ୍ତି। ସେହି ବିଷୟକୁ ନେଇ ଏହି ଗପଟିର କାହାଣୀ ଗଢ଼ି ଉଠିଛି।

### ଗପ: ଚତୁର ବୀରବଲ

**ଲେଖିକା: ବନ୍ଦନା ମିଶ୍ର**

ବୀରବଲ ସବୁବେଳେ ଚତୁରତାର ସହିତ ଆକବରଙ୍କର ସବୁ ପ୍ରଶ୍ନର ଉତ୍ତର ଦେଇଥାନ୍ତି। ସେହିପରି ଏକ ପ୍ରଶ୍ନ ଓ ଉତ୍ତରକୁ ନେଇ ଗପଟି ରଚିତ ହୋଇଛି।

### ଗପ: ସାବାସ୍ ରାଜୁ

**ଲେଖକ : ଅରବିନ୍ଦ ଦାସ**

ଜରି ସାଉଁଟା ପିଲା ରାଜୁ ତା'ର ଭଲ ଗୁଣ ପାଇଁ ପ୍ରଶଂସାର ପାତ୍ର ହୋଇଛି, ତାହା ହିଁ ଗପଟିରେ ବର୍ଣ୍ଣନା କରାଯାଇଛି।

### ଗପ: ଚାରି ପଣ୍ଡିତ

**ଲେଖକ: ଅରୁଣ କୁମାର ପଣ୍ଡା**

ଚାରିଜଣ ପଣ୍ଡିତ ନିଜର ବୁଦ୍ଧି-ବିଦ୍ୟା ପାଇଁ ରାଜଙ୍କ ଦରବାରରେ ନିଯୁକ୍ତି ପାଇଲେ, ଏହି ବିଷୟବସ୍ତୁ ଉପରେ ଗଳ୍ପଟି ଆଧାରିତ।

### ଗପ: ବାବୁନିର ସ୍ୱପ୍ନ

**ଲେଖକ: କାର୍ତ୍ତିକ ସ୍ୱାଇଁ**

ସ୍କୁଲଗୁଡ଼ିକରେ କିପରି ଆଗକୁ ନୂଆ ମାଧ୍ୟମରେ ଶିକ୍ଷାଦାନ କରାଯିବ, ତାହା ହିଁ ଗପଟିର ବିଷୟବସ୍ତୁ।

### ଗପ: ହାତୀ ଉପକାର ସୁଝିଲା

**ଲେଖକ: କାଳିକିଙ୍କର**

ଛୋଟ ହାତୀଟିଏ ବଡ଼ ହେଲା। ଛୋଟବେଳେ ଯେଉଁ ଉପକାର ପାଇଥିଲା, ତାହାକୁ କିପରି ସେ ସୁଝିଲା, ସେହି କଥା ହିଁ ଗପଟିର ବିଷୟବସ୍ତୁ।

**ଗପ : ଲିପୁ ବଦଳିଗଲା**
**ଆମ କୁନି ଲେଖିକା: ଦୀପାଞ୍ଜଳି ସାହୁ**
ଲିପୁ ଦୁଷ୍ଟ ଥିଲା, କିନ୍ତୁ ସେ ବଦଳି ଯାଇ ଭଲ ପିଲା ହୋଇଯାଇଛି, ଏହା ହିଁ ଗପଟିର କଥାବସ୍ତୁ।

**କବିତା : ଆଶିଷ ଲଭି ହେବି ମୁଁ ବଡ଼**
**ଲେଖକ : ଦେବେନ୍ଦ୍ର ଚୌଧୁରୀ**
ମା'ର ଆଶିଷ, ସନ୍ତାନକୁ ବଡ଼ ହେବା ପାଇଁ ସାହାଯ୍ୟ କରେ, ସେ ସଂପର୍କରେ ରଚିତ କବିତାଟି।

**କବିତା : ମୋତେ ଡାକଇ ହାତ ଠାରି**
**ଲେଖକ : ଧନଞ୍ଜୟ ସ୍ୱାଇଁ**
ଗାଆଁର ସମ୍ପର୍କ ମଣିଷ ପାଇଁ କେତେ ନିବିଡ଼, ତାହାହିଁ କବିତାଟିରେ ଦର୍ଶାଇ ଦିଆଯାଇଛି।

**କବିତା : ଜେଜେଙ୍କ ବଗିଚାବାଡ଼ି**
**ଲେଖକ : ଅରୁଣ ଚନ୍ଦ୍ର ମହାନ୍ତି**
ଜେଜେ କିପରି ଯତ୍ନରେ ବଗିଚାଟିଏ କରିଛନ୍ତି, ସେ ବିଷୟକୁ ନେଇ କବିତାଟି ରଚିତ।

**କବିତା : ନାଁରେ କିସ ଥାଏ ?**
**ଲେଖକ : ବିଜୟ କୁମାର ମହାନ୍ତି**
ନାଁ, ମଣିଷର କିଛି ନୁହେଁ, କାର୍ଯ୍ୟ ହିଁ ମଣିଷକୁ ଶ୍ରେଷ୍ଠ କରେ, ତାହା କବିତାଟିରେ ଦର୍ଶାଇ ଦିଆଯାଇଛି।

**କବିତା : ମୋ ବଗିଚା**
**ଲେଖକ : ଆଦିକନ୍ଦ ବିଶ୍ୱାଳ**
ନିଜ ବଗିଚାଟି ସତରେ କେତେ ସୁନ୍ଦର, ତାହା ହିଁ କବିତାଟିରେ ବର୍ଣ୍ଣନା କରାଯାଇଛି।

**ଅଭିଭାବକଙ୍କ ପାଇଁ ପଦେ : ପିଲାଙ୍କ ସ୍ୱାଧୀନତା**
**ଲେଖିକା : ଅମ୍ରିତା ମହାନ୍ତି**
ପିଲାମାନଙ୍କୁ କେତେ ସ୍ୱାଧୀନତା ଦିଆଯିବ, କିପରି ଦିଆଯିବ, ସେ ବିଷୟରେ ଆଲୋଚନା କରିଛନ୍ତି ଲେଖିକା।

**କୁନାକୁନିଙ୍କ ରୋଷେଇ : ଆମ୍ବ**
ଆମ୍ବକୁ ନେଇ କିପରି ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଇପାରେ, ସେ ସଂପର୍କରେ ଲେଖାଟି ପ୍ରସ୍ତୁତ କରାଯାଇଛି।

**କେମେଷ୍ଟ୍ରି କାହାଣୀ : ବୋରାଜନ, ହୀରାଠୁ ବି ଟାଣ**
**ଲେଖକ : ନିତ୍ୟାନନ୍ଦ ପଣ୍ଡା**
ହୀରା ପୃଥିବୀର ସବୁଠୁ ଟାଣ ପଦାର୍ଥ। ମାତ୍ର ତା'ଠାରୁ ମଧ ଟାଣ ହେଉଛି ବୋରାଜନ, ତାହାହିଁ ଏଥର କେମେଷ୍ଟ୍ରି କାହାଣୀର ବିଷୟବସ୍ତୁ।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସବୁ ସ୍ଥାନ ପାଇଛି :**

**ରାଜ୍ୟ ଖବର**
ଓଡ଼ିଶାର ସଂଗ୍ରାମୀଙ୍କ ଦାୟାଦଙ୍କୁ ଦିଆଗଲା ସମ୍ବର୍ଦ୍ଧନା, ନୀଳମାଧବଙ୍କ 'ହ୍ୟୁମାନ ରୋବର୍ଟ' ଏବଂ ପଞ୍ଚମ ଶ୍ରେଣୀରୁ ଏବେ ଦିଆଯିବ ଜାତି ପ୍ରମାଣ ପତ୍ର।

**ତୁମ ପାଇଁ ଖବର**
ରାତିରେ ଇ-ବୁକ୍ ପଢ଼ିବା କ୍ଷତିକାରକ, ମଣିଷର ପୁଣି ୩୧ଟି ଆଙ୍ଗୁଠି, କଳାକୃତି ଆକାରରେ କେକ୍, ଘୂରୁଥିବା ଘର, ଅଧିକ ରଙ୍ଗିନ ପୋଷାକ କ୍ଷତିକାରକ ଏବଂ ୪୦୪ ଜଣ ଆଇନ୍ ଷ୍ଟାଇନ୍।

### ଖେଳ ଖବର

ଏଥର ଖେଳ ଖବର ପୃଷ୍ଠାରେ ଅଛି : ଚମ୍ପିଆନ ହେଲେ ସିନ୍ଧୁ, ପ୍ରଣୀଥ ହେଲେ ସୁପର ସିରିଜ୍ ଟ୍ରଫିର ବିଜେତା, ଭୁବନେଶ୍ୱରରେ ଅନୁଷ୍ଠିତ ହେବ ଏସୀୟ ଦୌଡ଼କୁଦ ପ୍ରତିଯୋଗିତା ।

### ଚଳଚ୍ଚିତ୍ର ଖବର

ନେତାଜୀଙ୍କୁ ନେଇ ଚଳଚ୍ଚିତ୍ର, 'ଟ୍ୟୁବ୍‌ଲାଇଟ୍'ରେ ଚାଇନିଜ୍ ଅଭିନେତ୍ରୀ, ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମିଠାମିଠା' ।

### ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୩୭', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି ।**

■■■